# Akashvani, Sambalpur

## SAMBALPURI NEWS EVENING BULLETIN

**2 November 2025- 7.02 pm- 7.12 pm.**

**********************************************

୧- ଆନ୍ଧ୍ରପ୍ରଦେଶ୍‌ର ଶ୍ରୀହରିକୋଟା ମହାକାଶ୍ କେନ୍ଦ୍ର ନୁ ଉତ୍କ୍ଷେପଣ୍ ହେଲା ଯୋଗାଯୋଗ ଉପଗ୍ରହ -ସିଏମ୍‌ଏସ୍ -୦୩ ।

୨- ନବଜାତ ଆଉ ଶିଶୁ ମୃତ୍ୟୁ ହାର କମ୍ କର୍‌ବାର୍‌ଥି ଭାରତ୍ ଉଲ୍ଲେଖନୀୟ ସଫଳତା ହାସଲ୍ କରିଛେ- କହେଲେ ରାଜ୍ୟପାଲ୍ ।

୩- ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ଠାନୁ ମୁଲ୍ ହେଲା ପଂଚ୍‌କ ବ୍ରତ ।

୪- ଦୁର୍ନୀତି ନିବାରଣ୍ ସଚେତନତା ହପ୍ତା ହେଲା ଉଦ୍‌ଯାପିତ ।

ଆଉର୍

୫- ଆଇସିସି ମହିଳା ଦିନ୍‌କିଆ ବିଶ୍ୱକପ୍ କ୍ରିକେଟ୍‌ଥି ଭାରତ୍ ଆଉ ଦକ୍ଷିଣ ଆଫ୍ରିକା ଭିତ୍‌ରେ ଚାଲିଛେ ଫାଇନାଲ୍ ମେଚ୍ ।

ଇସ୍ରୋ- ସିଏମ୍ଏସ୍-୦୩ ଆର୍ଏନ୍ୟୁ/ ସମ୍ବଲପୁର

ଭାରତୀୟ ମହାକାଶ୍ ଗବେଷଣା ସଂଗଠନ୍-ଇସ୍ରୋ ତର୍ଫୁ ଆଏଜ୍ ବେଲ୍ବୁଡ଼ାର୍ ୫ ବାଜିକରି ୨୬ ମିନିଟ୍ଥି ଆନ୍ଧ୍ରପ୍ରଦେଶ୍ର ଶ୍ରୀହରିକୋଟା ନ ଥିବା ସତୀଶ୍ ଧୱନ୍ ମହାକାଶ୍ କେନ୍ଦ୍ର ନୁ ଭାରତ୍ର ଭାରି ଯୋଗାଯୋଗ୍ ଉପଗ୍ରହ ୪ ହଜାର୍ ୪ ଶହ ୧୦ କେଜି ଉଜନ୍ର ସିଏମ୍ଏସ୍ -୦୩ (ଭିସାଟ୍- ୭ଆର୍) ଆଏଜ୍ ଉତ୍କ୍ଷେପଣ୍ କରାଯାଇଛେ । ନୌସେନାର୍ ଯୋଗାଯୋଗ୍କେ ବଢ଼ାବାର୍ ଆଉ ଦୂରିଆ ଇଲାକା ନ ଡିଜିଟାଲ୍ ସଂଯୋଗୀକରଣ୍ର ସମ୍ପ୍ରସାରଣ୍ ଇ ଅଭିଯାନ୍ର ଲକ୍ଷ୍ୟ ଆଏ । ସିଏମ୍ଏସ୍ -୦୩ କେ ଭାରତ୍ର ସବୁନୁ ଶକ୍ତିଶାଳୀ ରକେଟ୍ ଏଲ୍ଭିଏମ୍-୩ ଲଂଚର୍ ନୁ ଉତ୍କ୍ଷେପଣ୍ କରାଯାଉଛେ । ଇ ଉପଗ୍ରହ ଗୁଟେ ବହୁମୁଖୀ ସାମରିକ୍ ଯୋଗାଯୋଗ୍ ପ୍ରଣାଲୀ, ଯେନ୍ଟା ଭଏସ୍ ଡାଟା ଆଉ ଭିଡ଼ିଓ ଲିଙ୍କ୍ ଲାଗି ଟ୍ରାନ୍ସପଣ୍ଡର୍ ନେଇପାର୍ସି ।

ରାଜ୍ୟପାଲ୍ I&PR

ରାଏଜେ ଜନମ୍ ହଉଥିବା ଛୁଆଙ୍କୁ ଜରୁରୀ ପୁଷ୍ଟି, ଜତନ୍ ଆଉ ସୁରକ୍ଷା ଦେବାର୍ ଜରୁରୀ ଆଏ ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି କହିଛନ୍ । ଭୁବ୍ନେଶ୍ୱର୍ ନ ହେଇଥିବା

ଗୁଟେ ଖାସ୍ ସମ୍ମିଲନୀଥି ଯୋଗ୍ ଦେଇକରି ରାଜ୍ୟପାଲ୍ କହିଛନ୍, ସ୍ୱାସ୍ଥ୍ୟ, ବୁଦ୍ଧି ଆଉ ଜୀବନ୍‌ଶକ୍ତି ଭବିଷ୍ୟତ୍ ନାଗରିକ୍‌ମାନ୍‌କୁ ଦିଆଯାଉଥିବା ପୁଷ୍ଟି ଆଉ ଜତନ୍‌ଥି ଜୁଡ଼ି ହେଇକରି ଥିସି । ଗର୍ଭଧାରଣ୍‌ନୁ ନେଇକରି ଛୁଆକୁ ୨ ବଛର୍ ହେବାର୍‌ତକ୍ ଜୀବନ୍‌ର ପହେଲା ୧ ହଜାର୍ ଦିନ୍ ଶାରୀରିକ୍ ଆଉ ମସ୍ତିଷ୍କ ବିକାଶ୍ ଆଉ ସାରା ଜୀବନ୍ ସୁସ୍ଥତା ଲାଗି ସବୁନୁ ଜରୁରୀ ସମିଆ ଆଏ ବଲି ଶ୍ରୀ କମ୍ଭମ୍‌ପାଟି କହିଛନ୍ । ନବଜାତକ୍ ଆଉ ଶିଶୁ ମୃତ୍ୟୁ ହାର କମ୍ କର୍‌ବାର୍ ଦିଗେ ଦେଶ୍ ଉଲ୍ଲେଖନୀୟ ସଫଲତା ପାଇଛେ । ଇହାଦେର୍ ସମିଆଥି ବହୁତ୍‌ଟେ ସାମାଜିକ୍ ପ୍ରତିବନ୍ଧକ୍ ରହିଛେ । ଯେନ୍‌ଟା ଖାଲି ଚିକିତ୍ସାଥି ନୁହେଁ ଶିକ୍ଷା, ସଶକ୍ତିକରଣ୍ ଆଉ ସହାନୁଭୂତି ଜରିଏ ଭିଲ୍ ସମାଧାନ୍ କରାଯାଇପାର୍‌ବା ବଲି ରାଜ୍ୟପାଲ୍ କହିଛନ୍ ।

ମୁଖ୍ୟମନ୍ତ୍ରୀ-ଅଭିଯୋଗ୍ ଶୁଣାଣି ବନ୍ଦ୍      ହି.ସ.

ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ୍ ଶୁଣାଣି ଆଏବା କାଏଲ୍ ବନ୍ଦ୍ ରହେବା । ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ଦିଆଯାଇଥିବା ସୂଚ୍‌ନା ଅନ୍‌ସାରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଲ୍‌ଗା ଜରୁରୀ କାମ୍ ଥିବାର୍‌ନୁ ଶୁଣାଣିକେ ବନ୍ଦ୍ ରଖାଯାଇଛେ ।

ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ନୂଆପଡ଼ା ଉପ ନିର୍ବାଚନ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନ୍‌ସଭା ଉପ ନିର୍ବାଚନ୍ ଲାଗି ତିନ୍‌ହି ମୁଖିଆ ରାଜନୈତିକ୍ ଦଲ୍ ଆଉ ସ୍ୱାଧୀନ୍ ପ୍ରାର୍ଥୀମାନେ ଜୋର୍‌ସୋର୍ ପ୍ରଚାର୍ କରୁଛନ୍ ।

ବିଜେପି ପ୍ରାର୍ଥୀ ଜୟ ଢୋଲ୍‌କିଆ ଆଏଜ୍ କୋମ୍‌ନା ବ୍ଲକ୍ ଜିଲ୍ଲା ପରିଷଦ୍ ୨ ନମ୍ବର୍ ଜୋନ୍ ନ ନିର୍ବାଚନ୍ ପ୍ରଚାର୍ କରିଛନ୍ । ଇତାରସହେତେ ନୂଆପଡ଼ା ସରାବଙ୍ଗ ବଜାର୍ ପଡ଼ିଆ ନ ଆଏଜ୍ ଗୁଟେ କେନ୍ଦୁପତ୍ର ତୋଲାଲି କର୍ମଚାରୀ ସଂଘର୍ ବୈଠକ୍‌ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଯୋଗ୍ ଦେଇକରି ଉପ ନିର୍ବାଚନଥି ଦଲୀୟ ପ୍ରାର୍ଥୀଙ୍କୁ ଭୋଟ୍ ଦେବାର୍ ଲାଗି ଅନୁରୋଧ୍ କରିଛନ୍ । କାର୍ଯ୍ୟକ୍ରମ୍‌ଥି ରାଜସ୍ୱ ମନ୍ତ୍ରୀ ସୁରେଶ୍ୱ ପୂଜାରୀ, ଖାଦ୍ୟଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଭିଲ୍ ଯୋଗ୍ ଦେଇକରି ଦଲୀୟ ପ୍ରାର୍ଥୀଙ୍କର୍ ଲାଗି ଭୋଟ୍ ମାଗିଛନ୍ ।

ନୂଆପଡ଼ା ବ୍ଲକ୍‌ର ୯ ନମ୍ବର୍ ଜିଲ୍ଲା ପରିଷଦ୍ ଜୋନ୍‌ର ଗଙ୍ଗାଦିଗଡ୍ ନ ବିଜୁ ଜନତା ଦଲ୍ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ନିର୍ବାଚନ୍ ପ୍ରଚାର୍ କରିଛନ୍ । ତାଙ୍କର୍ ସହେତେ ବିଜେଡ଼ି ନେତ୍ରୀ ପ୍ରମିଳା ମଲ୍ଲିକ୍, ଟୁକୁନୀ ସାହୁ ଆଉ ବହୁତ୍ ନେତ୍ରୀ ସାମିଲ୍ ହେଇଥିଲେ ।

କଂଗ୍ରେସ୍ ତରଫ୍ରୁ ହେଇଥିବା ଗୁଟେ ବିଶାଲ୍ ବାଇକ୍ ରେଲିଥି ରାଜ୍ୟ ପ୍ରଭାରୀ ଅଜୟ କୁମାର୍, ପିସିସି ସଭାପତି ଭକ୍ତ ଚରଣ୍ ଦାସ, ଆଉ ଦଲୀୟ ପ୍ରାର୍ଥୀ ସାମିଲ୍ ହେଇକରି ନିର୍ବାଚନ୍ ପ୍ରଚାର୍ କରିଛନ୍ । ଇ ବାଇକ ରେଲି ନୂଆପଡ଼ା ନୁ ମୁଲ୍ ହେଇକରି ଖରିଆର୍ ରୋଡ୍ ତକ୍ ଯାଇଥିଲା ।

ପିଡ଼ିଏସ୍ ହିତାଧିକାରୀ-ଇ-କେୱାଇସି I&PR

ରାଜ୍ୟର୍ ସବୁ ପିଡ଼ିଏସ୍ ହିତାଧିକାରୀମାନ୍‌କର୍ ଆଧାର୍ ଭିତିକ୍ ଇ-କେୱାଇସି ପ୍ରକ୍ରିୟା ଜାରି ରହିଛେ । ଇଟା ସବୁ ୧୧ ହଜାର୍ ୮ ଶହ ୨୭ ଟା ଖାଉଟି ସୁଲଭ ମୂଲ୍ୟ ଦୁକାନ୍, ୩ ଶହ ୧୪ ଟା ବ୍ଲକ୍ ଆଉ ୬୪ ଟା ପୌରାଂଚଲ୍ କାର୍ଯ୍ୟାଳୟ ନ ରାସନ୍‌କାର୍ଡ୍ ପରିଚାଲନା କେନ୍ଦ୍ରମାନ୍‌କେ ପ୍ରକ୍ରିୟା ଚାଲିଛେ । ଇ -କେୱାଇସି କରେଇ ନାଇଁ ପାରିଥିବା ହିତାଧିକାରୀମାନେ ଆଏବା ଡିସେମ୍ବର୍ ୩୧ ତାରିଖ୍‌ତକ୍ ଇ-କେୱାଇସି କରେଇପାର୍‌ବେ । ଇ ବାବ୍‌ଦେ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସୁଭଦ୍ରା ଆର୍‌ଏନ୍‌ୟୁ/ ସମ୍ବଲପୁର

ସୁଭଦ୍ରା ଯୋଜ୍‌ନାଥି ନୂଆଁ ହିତାଧିକାରୀମାନ୍‌କୁ ସାମିଲ୍ କର୍‌ବାର୍ ଲାଗି ଗଲାକାଏଲ୍‌ନୁ ଆବେଦନ୍ ଫେର୍‌ଘାଏ ମୁଲ୍ ହେଇଛେ । ୨୦୨୫-୨୬ ଆର୍ଥିକ୍ ବଛର୍ ଲାଗି ଇ ମାସର୍ ୩୦ ତାରିଖ୍‌ତକ୍ ସୁଭଦ୍ରା ପୋର୍ଟାଲ୍ ଖୁଲା ରହେବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ରାଜ୍ୟର୍ ସବୁ ଅଙ୍ଗନବାଡ଼ି କେନ୍ଦ୍ର ଆଉ ଶିଶୁ ବିକାଶ୍ ପ୍ରକଳ୍ପ ଅଧିକାରୀଙ୍କର୍ କାର୍ଯ୍ୟାଳୟ ନ ସୁଭଦ୍ରା ଆବେଦନ୍ ପତ୍ର ମାହାଲିଆ ମିଲୁଛେ ।

ପଂଚ୍‌କ ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ କାର୍ତିକ୍ ମାସର୍ ଉଜଲ୍ ପଖର୍ ଏକାଦଶୀ ତିଥିନୁ ଆଏଜ୍‌ଠାନୁ ପଂଚ୍‌କ ବ୍ରତ ପାଲନ୍ ମୁଲ୍ ହେଇଛେ । ଇ ବଛର୍ ଶ୍ରୀମନ୍ଦିର୍ ନ ପଂଚ୍‌କ ବ୍ରତ୍ ୫ ଦିନ୍ ବଦ୍‌ଲା ୪ ଦିନ୍ କରାଯାଉଛେ । ଇ ବଛର୍ ଦ୍ୱାଦଶୀ ତିଥି କ୍ଷୟ ହେଇଥିବାର୍‌ନୁ ମାହାପୁରୁଙ୍କର୍ ବାଙ୍କଚୂଡ଼ା ବେଶ କରା ନାଇଁ ଯାଏ । ଆଏଜ୍ ମାହାପୁରୁମାନ୍‌କର୍ ଲକ୍ଷ୍ମୀନାରାୟଣ୍ ବେଶ କରାଯାଇଛେ । ଆଏବା କାଏଲ୍ ତ୍ରୟୋଦଶୀ ତିଥି ଅବ୍‌ସରେ ମାହାପୁରୁଙ୍କର୍ ଆଡ଼କିଆ ନୀତି କରାଯିବା । ମଙ୍ଗଲ୍‌ବାର୍ ଦିନ ଲକ୍ଷ୍ମୀ ନୃସିଂହବେଶ ଆଉ ବୁଧବାର୍ ଦିନ ପୁନି ଅବ୍‌ସରେ ମାହାପୁରୁମାନ୍‌କର୍ ରାଜରାଜେଶ୍ୱର ଆଉ ସୁନାବେଶ

କରାଯିବା । ହରି ଉତ୍ଥାନ ଏକାଦଶୀ ଅବ୍ସରେ ଆଏଜ୍ ମାହାପୁରୁମାନ୍କର୍ ଖାସ୍ ନୀତିକାନ୍ତି କରାଯାଉଛେ । ୪ ମାସ୍ର ଶୟନ ନୀତି ଉତ୍ରୁ ମାହାପୁରୁମାନ୍କର୍ ଆଏଜ୍ ହରି ଉତ୍ଥାନ୍ ନୀତି ପାରମ୍ପରିକ୍ ବିଧି ଅନ୍ସାରେ କରାଯାଉଛେ । ଇ ବାବ୍ଦେ ଅଏତ୍କା ତଥ୍ୟ ଦେଇକରି ଶ୍ରୀ ଜଗନ୍ନାଥ୍ ସଂସ୍କୃତି ଗବେଷକ ସୌମ୍ୟ ପଣ୍ଡା କହିଛନ୍....

(ଭଏସ୍ ଓଭର୍- ସୌମ୍ୟ ପଣ୍ଡା)

ଶ୍ରଦ୍ଧାଳୁମାନ୍କର୍ ଭିଡ୍କେ ନଜର୍ଥି ରଖିକରି ପ୍ରଶାସନ୍ ତର୍ଫୁ ବ୍ୟାପକ୍ ବ୍ୟବସ୍ଥା କରାଯାଇଛେ ।

ପଂଚ୍କ - ସୁବର୍ଣ୍ଣପୁର୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ନ ପବିତ୍ର କାର୍ତିକ୍ ମାସର୍ ପଂଚ୍କ ବ୍ରତ ଆଏଜ୍ଠାନୁ ମୁଲ୍ ହେଇଛେ । ପାତାଳି ଶ୍ରୀକ୍ଷେତ୍ର ସହେତେ ଭିନ୍ ଭିନ୍ ଗାଁର୍ ସବୁ ଜଗନ୍ନାଥ୍ ଆଉ ରାଧାକୃଷ୍ଣ ମନ୍ଦିର୍ ନ ସାମୂହିକ୍ ପଂଚ୍କ ବ୍ରତ୍ ପାଲନ୍ କରାଯାଉଛେ । ଉଷା କୁଠି ମାନ୍କେ ପାରମ୍ପାରିକ୍ କୈଲାଶୀ ଯାତ୍ରା ଲାଗି ପ୍ରସ୍ତୁତି ଶେଷ୍ ଖେପେ ପୁହୁଁଚିଛେ । ଆଏଜ୍ ରାତି ଦେଉଲ୍ବରା ପର୍ବ କରାଯିବା ।

ଦୁର୍ନୀତି ନିବାରଣ୍ ସପ୍ତାହ ଆର୍ଏନ୍ୟୁ/ ସମ୍ବଲପୁର

ସାରା ରାଏଜେ ଗଲା ୨୭ ତାରିଖ୍‌ନୁ ଚାଲିଥିବା ଦୁର୍ନୀତି ନିବାରଣ୍ ସଚେତନତା ହପ୍ତା ଆଏଜ୍ ଉଦ୍‌ଯାପିତ୍ ହେଉଛେ। 'ଦୁର୍ନୀତି ନିବାରଣ୍ : ଆମର୍ ସାମୂହିକ୍ ଦାୟିତ୍ୱ' ବିଷୟବସ୍ତୁ ଉପ୍‌ରେ ଆଧାରିତ୍ ହେଇଥିବା ହପ୍ତା ପାଲନ୍ ଅବ୍‌ସରେ ସଚେତନତାମୂଲକ୍ କାର୍ଯ୍ୟକ୍ରମ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ କରାଯାଇଛେ। ଇ ସପ୍ତାହ ପାଲନ୍ ଅବ୍‌ସରେ ସାଧୁତାକେ ଜୀବନ୍‌ର ବ୍ରତ ଭାବେ ନେଇକରି ଦୁର୍ନୀତିମୁକ୍ତ ବିକଶିତ୍ ଓଡ଼ିଶା ଗଠନ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସମ୍‌କୁ ଆହ୍ୱାନ୍ ଦେଇଥିଲେ। ସପ୍ତାହ ପାଲନ୍ ଅବ୍‌ସରେ ଭିନ୍ ଭିନ୍ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ୍ ନ ଶପଥ୍ ପାଠ୍ କାର୍ଯ୍ୟକ୍ରମ୍ କରାଯାଇଛେ। ଇ ସପ୍ତାହ ପାଲନ୍‌ର ଉଦ୍ଦେଶ୍ୟ ବାବ୍‌ଦେ ସମ୍ବଲ୍‌ପୁର୍ ଭିଜିଲାନ୍ସ ଡିଭିଜନ୍‌ର ଆରକ୍ଷୀ ଅଧିକ୍ଷକ୍ ପ୍ରଦ୍ୟୁମ୍ନ ଦ୍ୱିବେଦୀ ଆକାଶ୍‌ବାଣୀକେ କହିଛନ୍....

(ଭଏସ୍ ଓଭର୍- ଭିଜିଲାନ୍ସ ଏସ୍‌ପି)

ସାଇକ୍ଲୋଥନ୍ ସମ୍ବଲପୁର ସମ୍ବାଦଦାତା

ସାଇବର୍ ସୁରକ୍ଷା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ସମ୍ବଲ୍‌ପୁର୍ ପୁଲିସ୍ ତର୍‌ଫୁ ଗୁଟେ ସାଇକ୍ଲୋଥନ୍ କାର୍ଯ୍ୟକ୍ରମ୍ ଆଏଜ୍ କରାଯାଇଛେ। ସାଧାରଣ୍ ଲୁକ୍‌କୁ ସାଇବର୍

ଅପରାଧ୍ ଆଉ ତାର୍ ମୁକାବିଲା ଲାଗି ସଚେତନ୍ କର୍ବାର୍ ଲକ୍ଷ୍ୟଥି କଚ୍ରୀ ଛକ୍ ପାଶେ ଇ ସାଇକ୍ଲୋଥନ୍ ର ଆୟୋଜନ୍ କରାଯାଇଥିଲା । ଇଥି ଭିନ୍ ଭିନ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନ୍ର କର୍ମକର୍ତା, ଜିଲ୍ଲା ପୁଲିସ୍ କର୍ମଚାରୀ ଆଉ ଛାତ୍ରଛାତ୍ରୀ ଆଉ ସାଧାରଣ୍ ଲୋକ୍ ଯୋଗ୍ ଦେଇଥିଲେ ।

ଦୁର୍ନୀତି ନିବାରଣ୍ ସଚେତନତା ସଭା        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟର୍ ସଦ୍ଭାବନା ସଭାଗୃହ ନ ଦୁର୍ନୀତି ନିବାରଣ୍ ସଚେତନତା ସଭା ଆଉ ସାଧୁତାର୍ ଶପଥ୍ ପାଠ୍ କରାଯାଇଛେ । ଦୁର୍ନୀତି ନିବାରଣ୍ କାର୍ଯ୍ୟାଳୟ ଆଉ ଜିଲ୍ଲା ପ୍ରଶାସନ୍ ତର୍ଫୁ ହେଇଥିବା କାର୍ଯ୍ୟକ୍ରମ୍ଥି ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସାଧୁତାର୍ ଶପଥ୍ ପାଠ୍ କରେଇଥିଲେ । ଇ ଅବ୍ସରେ ଆୟୋଜୁ ହେଇଥିବା ପ୍ରତିଯୋଗିତାର୍ କୃତୀ ଛାତ୍ରଛାତ୍ରୀମାନ୍କୁ ପୁରସ୍କୃତ୍ କରାଯାଇଥିଲା ।

ଭିଜିଲାନ୍ସ ସଚେତନତା ସପ୍ତାହ        ବର୍ଗଡ୍ ସମ୍ବାଦଦାତା

ବର୍ଗଡ୍ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଆଉ ଚାଇଲ୍ଡ ହେଲ୍ପ ଲାଇନ୍ ତର୍ଫୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୫

ପାଳିତ୍ ହେଇଯାଇଛେ । ଇ ଅବ୍ସରେ ଛାତ୍ରଛାତ୍ରୀମାନ୍କୁ ନେଇକରି ସଚେତନତା ସଭାର୍ ଆୟୋଜନ୍ କରାଯାଇଥିଲା ।

ଷଷ୍ଠ ଅର୍ଥ ଆୟୋଗ ଝାର୍ସୁଗୁଡ଼ା ସମ୍ବାଦଦାତା

ରାଜ୍ୟ ଷଷ୍ଠ ଅର୍ଥ ଆୟୋଗର ୩ ଝନିଆ କମିଟି ଝାର୍ସୁଗୁଡ଼ା ଜିଲ୍ଲାର୍ ଅର୍ଥନୈତିକ୍ ଥିତି ବାବ୍ଦେ ଆଏଜ୍ ସମୀକ୍ଷା କରିଛନ୍ । ଆୟୋଗ୍ର ଅଧ୍ୟକ୍ଷ ଡକ୍ଟର୍ ଅରୁଣ୍ କୁମାର୍ ପଣ୍ଡାଙ୍କର୍ ନେତୃତ୍ୱଥି ଇ ୩ ଝନିଆ କମିଟି ଜିଲ୍ଲାର୍ ଭିନ୍ ଭିନ୍ ଗାଁ ଆଉ ସହର୍ ଇଲାକା ନ ଜାରି ରହିଥିବା ବିକାଶ୍ମୂଲକ୍ ପ୍ରକଳ୍ପ ମାନ୍ ବୁଲି ଦେଖିଛନ୍ । ପ୍ରକଳ୍ପ କାର୍ଯ୍ୟାନ୍ୱୟନ୍କେ ନେଇକରି ରହିଥିବା ଆହ୍ୱାନ୍ ମାନ୍କର୍ ତୁର୍ତି ସମାଧାନ୍ ଦିଗେ କମିଟି ଜୋର୍ ଦେଇଛନ୍ ।

ମହିଳା ଦିନ୍କିଆ ବିଶ୍ୱକପ୍ କ୍ରିକେଟ ଆର୍ଏନ୍ୟୁ/ ସମ୍ବଲପୁର

ଆଇସିସି ମହିଳା ଦିନ୍କିଆ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର୍ ଫାଇନାଲ୍ ମୁକାବିଲାଥି ଆଏଜ୍ ଭାରତ୍-ଦକ୍ଷିଣ ଆଫ୍ରିକା ଭିତ୍ରେ ଖେଲ୍ ଜାରି ରହିଛେ । ଦକ୍ଷିଣ ଆଫ୍ରିକା ଟସ୍ ଜିତିକରି ବଲିଂ କର୍ବାର୍କେ ନିଷ୍ପତି ନେଇଛେ । ଖବର୍

ଲେଖାହେବାର୍‌ତକ୍ ଭାରତୀୟ ଦଲ୍ ୩୦ ଓଭର୍‌ତକ୍ ୩ ଓ୍ୱିକେଟ୍ ହରେଇକରି ଶହେ ୭୨ ରନ୍ କରିଛେ ।

ସାଇବର୍ ସୁରକ୍ଷା ସଚେତନତା ସୁରକ୍ଷା କାର୍ଯ୍ୟକ୍ରମ ବୌଦ୍ଧ

ବୌଦ୍ଧ ଟାଉନ୍ ହଲ୍ ଠାନେ ଜିଲ୍ଲାସ୍ତରୀୟ ସାଇବର୍ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ୍ ଆଏଜ୍ ହେଇଯାଇଛେ । ଆରକ୍ଷୀ ଅଧିକ୍ଷକ୍ ରାହୁଲ ଗୋୟଲ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି କଂଟାମାଲ୍ ବିଧାୟକ୍ କହ୍ନେଇ ଚରଣ୍ ଡାଙ୍ଗ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨ ଦିନ୍‌ତକ୍ ରାଜ୍ୟର୍ କେତେଟା ଜାଗା ନ ହାଲ୍‌କା ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେବାର୍ ସହେତେ ପାଗ୍ ଥଣ୍ଡା ରହେବା । ତାର୍ ଉତ୍‌ରୁ ଆଏବା ୫ ଦିନ୍‌ତକ୍ ପାଗ୍ ଶୁଖା ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।